# ଅମୃତଭଣ୍ଡା ଚାଷର ବୈଜ୍ଞାନିକ ଦୃଷ୍ଟିକୋଣ




**ଆଲେଖ୍ୟ:**

ଡ. ସିଦ୍ଧାର୍ଥ କର, ବୈଜ୍ଞାନିକ (ଉଦ୍ୟାନ କୃଷି)

ତନ୍ମୟ କୁମାର ବେହେରା, କ୍ଷେତ୍ର ପ୍ରବନ୍ଧକ

**ସଂପାଦନା:**

ଡ. ଦେବୀପ୍ରସାଦ ଦାଶ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ଅମୃତଭଣ୍ଡା ଚାଷର ବୈଜ୍ଞାନିକ ଦୃଷ୍ଟିକୋଣ


ଆଲେଖ୍ୟ :

ଡ. ସିଦ୍ଧାର୍ଥ କର

ବୈଜ୍ଞାନିକ (ଉଦ୍ୟାନ କୃଷି)

ତନ୍ମୟ କୁମାର ବେହେରା

କ୍ଷେତ୍ର ପ୍ରବନ୍ଧକ

ସଂପାଦନା :

ଡ. ଦେବୀପ୍ରସାଦ ଦାଶ

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଅମୃତଭଣ୍ଡା ଚାଷର ବୈଜ୍ଞାନିକ ଦୃଷ୍ଟିକୋଣ

**ଆଲେଖ୍ୟ :**

**ଡ. ସିଦ୍ଧାର୍ଥ କର**

ବୈଜ୍ଞାନିକ (ଉଦ୍ୟାନ କୃଷି)

**ତନ୍ମୟ କୁମାର ବେହେରା**

କ୍ଷେତ୍ର ପ୍ରବନ୍ଧକ

**ସଂପାଦନା :**

**ଡ. ଦେବୀପ୍ରସାଦ ଦାଶ**

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ପ୍ରକାଶକ :**

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

**ପ୍ରଥମ ପ୍ରକାଶ :** ଡିସେମ୍ବର, ୨୦୨୪

**ମୁଦ୍ରଣ :**

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର

ଫୋନ୍ ୯୪୩୭୦୭୭୩୩୭

**By**

**Dr. Sidhartha Kar**
Scientist (Horticulture)

**Tanmaya Kumar Behera**
Farm Manager

**Editor**

**Dr. Debiprasad Dash**
Sr. Scientist and Head,
Krishi Vigyan Kendra,
Malkangiri

**Published by:**
Krishi Vigyan Kendra,
Malkangiri

**First Edition**:
December, 2024

**Printed at:**
Ankita Graphics, Bhubaneswar.
Cell : 9437077337
saroj77337@gmail.com



# ଅମୃତଭଣ୍ଡା ଚାଷର ବୈଜ୍ଞାନିକ ଦୃଷ୍ଟିକୋଣ

ଅମୃତଭଣ୍ଡା ଆମ ଦେଶ ଭାରତର ପ୍ରତ୍ୟେକ ରାଜ୍ୟରେ ଚାଷ କରାଯାଉଛି। ଏହା ବର୍ଷକ ମଧ୍ୟରେ ଅମଳ ହୋଇଥାଏ ଏବଂ ଉପଯୁକ୍ତ କିସମ ବ୍ୟବହାର କରିଲେ ଏହାର ଅମଳ ଏବଂ ଆୟ ଅଧିକ ହୋଇପାରେ। ଫଳଗୁଡ଼ିକ ମଧ୍ୟରେ ଅମୃତଭଣ୍ଡା ଏକ ଉତ୍ତମ ଔଷଧୀୟ ଫଳ ବୃକ୍ଷ। ଏଥିରେ ବହୁ ପରିମାଣର ଭିଟାମିନ୍, ପୁଷ୍ଟିସାର ଅଛି। ମୁଖ୍ୟତଃ ପୁଷ୍ଟିସାର ୦.୫% ଏବଂ ଭିଟାମିନ୍ କ ଓ ଗ ରହିଛି। ଏଥିରେ ଥିବା ପାପିନ୍ ହଜମ କରିବାରେ ସାହାଯ୍ୟ କରିଥାଏ ଏବଂ ଏହା ଔଷଧୀୟ ଉଦ୍ୟୋଗରେ ବ୍ୟବହାର ହୋଇଥାଏ। ବଗିଚାରେ ୩ ରୁ ୪ଟି ଅମୃତଭଣ୍ଡା ଗଛ ଲଗାଇଥିଲେ ବର୍ଷଜାକ ନିଜ ଘରର ଚାହିଦା ଖୁସିରେ ପୂରଣ କରିହେବ। ଅମୃତଭଣ୍ଡାକୁ କଞ୍ଚା, ପାଚିଲା ଭାବରେ ସେବନ କରାଯାଇପାରେ। ଏଥିରୁ ଜାମ୍, ଜେଲି ଆଦି ସଂରକ୍ଷିତ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥାଏ। ଏହାର ବ୍ୟବହାର ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ବହୁ ବର୍ଷୀୟ ଫଳ ଯଥା ଆମ୍ବ, ନଡ଼ିଆ, ସପେଟା, ପିଜୁଳି, ଲେମ୍ବୁ ଇତ୍ୟାଦି ବଗିଚାରେ ଆରମ୍ଭ ଅବସ୍ଥାରେ ବେଶୀ ଅମଳ ପାଇବା ପାଇଁ ଅମୃତଭଣ୍ଡା ଗଛକୁ ପୂରକ ଫସଲ ଭାବରେ ଲଗାଯାଇପାରେ। ଏହା ଛଡ଼ା ଅଜିର୍ଣ୍ଣ, ଅର୍ଶ, ଅତିସାର, ରକ୍ତଚାପ, ପିତ୍ତ ଓ କାମଳ ଆଦି ରୋଗର ନିରାକରଣ ଏହାର ସେବନ ଦ୍ୱାରା କରାଯାଇପାରେ।

## ଜଳବାୟୁ:

ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଅମୃତଭଣ୍ଡା ଚାଷ ପାଇଁ ଅନୁକୂଳ। ସମୁଦ୍ର ପତ୍ତନଠାରୁ ୧୦୦୦ ମିଟର ଉଚ୍ଚତାରେ ଅବସ୍ଥିତ ଅଞ୍ଚଳଗୁଡ଼ିକରେ ଅମୃତଭଣ୍ଡା ଚାଷ କରାଯାଇପାରିବ। ପରିବେଶର ତାପମାତ୍ର ୧୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ କମ୍ ହେଲେ ଫଳ ପାକଳ ଓ ପାଚିବାରେ ବିଳମ୍ବ ହୋଇଥାଏ ଏବଂ ଗଛ ବୃଦ୍ଧିରେ ବ୍ୟାଘାତ ହୋଇଥାଏ। ୪୦ ଡିଗ୍ରୀ ସେଣ୍ଟିଗେଡ୍‌ରୁ ଅଧିକ ଉତ୍ତାପ ହେଲେ ଫୁଲ ଓ ଫଳ ଧରିବାରେ ବ୍ୟାଘାତ ହୋଇଥାଏ ଏବଂ ଖରାଦିନେ ଉତ୍ତାପ ୩୫ ଡିଗ୍ରୀ– ୩୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ମଧ୍ୟରେ ପ୍ରବାହିତ ହୁଏ ତେଣୁ ସେହି ଅଞ୍ଚଳରେ ଅମୃତଭଣ୍ଡା ଭଲ ଅମଳ ହୋଇଥାଏ।

## ମୃତ୍ତିକା:

ଦୋରସା ପଟୁ ମାଟି ଓ ଦୋରସା ବାଲି ମାଟି ଏହି ଚାଷ ପାଇଁ ଉପଯୁକ୍ତ ଅଟେ। ଏହା ଛଡ଼ା ଜୈବିକ ଖତର ପ୍ରୟୋଗ ଅଧିକ ପରିମାଣ କରି ସମସ୍ତ ପ୍ରକାର ମୃତ୍ତିକା ଯାହାକି ଉଚ୍ଚା, ନିଗିଡ଼ା ହୋଇଥିଲେ ଅମୃତଭଣ୍ଡା ଚାଷ କରାଯାଇପାରିବ।

## କିସମ:

ଅମୃତଭଣ୍ଡାରେ ମାଈ, ଅଣ୍ଡିରା ଗଛ ବ୍ୟତୀତ ଏପରି ଗଛ ଥାଏ ଯେଉଁଥିରେ ଉଭୟ ମାଈ ଏବଂ ଅଣ୍ଡିରା ଫୁଲ ରହିଥାଏ। ଅମୃତଭଣ୍ଡାରେ ଉଭୟ ଲିଙ୍ଗ ଉପସ୍ଥିତ ଥିବା କିସମଗୁଡ଼ିକରେ ସମ୍ପୂର୍ଣ୍ଣ ଫଳ ଧାରଣ କ୍ଷମତା ଥିବା ସହିତ ଅଧିକ ଅମଳ କ୍ଷମତା ରହିଥାଏ।



ସାଧାରଣତଃ ହନିଡ୍ୟୁ, କୁର୍ଗ ହନିଡ୍ୟୁ, କୋଏମ୍ବାଟୁର-୧, ୨, ୩, ୪, ୫, ୬, ୭, ୱାସିଂଟନ୍, ପୁଷା ଡେଲିସିଅସ୍, ପୁଷା ମାଜେଷ୍ଟି, ସୂର୍ଯ୍ୟ ପୁଷା ଡ୍ୱାର୍ଫ, ପୁଷା, ଜ୍ୟାଣ୍ଟ, ସନ୍‌ରାଇଜ୍, ସୋଲୋ, ରଞ୍ଚଡ୍ୱାର୍ଫ ଇତ୍ୟାଦି ଉନ୍ନତ କିସମଗୁଡ଼ିକ ବ୍ୟବହାର କରାଯାଇଥାଏ।

## ବିଭିନ୍ନ କିସମ ଓ ତା'ର ପ୍ରମୁଖ ଗୁଣ

| | |
|---|---|
| ହନିଡିଉ | ଗଛରେ ଅଧିକ ପରିମାଣର ଫଳ ଆସିଥାଏ। ଫଳରେ ମିର ପରିମାଣ କମ୍ ଥାଏ ଏବଂ ଫଳ ସ୍ୱାଦଯୁକ୍ତ ହୋଇଥାଏ। ଉଭୟ ଅଣ୍ଡିରା ଓ ମାଇ ଗଛ ହୋଇଥାଏ। |
| କୁର୍ଗ ହନିଡିଉ | ଏହା ଉଭୟ ଲିଙ୍ଗି କିସମ। ଫଳର ଆକାର ଲମ୍ବା ଓ ଅଗ୍ରଭାଗ ନକ ପରି ଦେଖାଯାଏ। |
| କୋଏମ୍ବାଟୁର-୧ | ଗଛର ଆକାର ଛୋଟ। ଫଳଗୁଡ଼ିକ ଗୋଲ ବା ଅଣ୍ଡାକୃତି ଏବଂ ଫଳର ରଙ୍ଗ ହଳଦିଆ ଦେଖାଯାଏ। |
| ସୂର୍ଯ୍ୟ | ଏହା ସନ୍‌ରାଇଜ୍ ସୋଲୋ ଢ ପିଙ୍କ୍‌ଫ୍ଲେସ୍ ସୁଇଟ୍‌ର ସଙ୍କର କିସମ। ଏହା ଉଭୟ ଲିଙ୍ଗି କିସମ ଏବଂ ଅଣ୍ଡିରା ଗଛ ହୋଇନଥାଏ। ଗଛଗୁଡ଼ିକ ମଧ୍ୟମ ଉଚ୍ଚତା ବିଶିଷ୍ଟ, ଫଳର ରଙ୍ଗ ହଳଦିଆ, ମଧ୍ୟମ ଆକାର ଏବଂ ପ୍ରତି ଫଳର ଓଜନ୍ ୬୦୦ ରୁ ୮୦୦ ଗ୍ରାମ୍ ହୋଇଥାଏ। |
| ଅର୍କା ପ୍ରଭାତ | ଏହା ଏକ ସଙ୍କର କିସମ। ଏହା ମଧ୍ୟ ଉଭୟ ଲିଙ୍ଗି କିସମ ଏବଂ ଅଣ୍ଡିରା ଗଛ ହୋଇନଥାଏ। ଏହି କିସମର ଫଳଗୁଡ଼ିକ ଅଧିକ ଦିନ ସାଇତି ରଖାଯାଇପାରେ। (୯ ଦିନ ପର୍ଯ୍ୟନ୍ତ), ଫଳଗୁଡ଼ିକ ୯୦୦-୧୨୦୦ ଗ୍ରାମ୍ ହୋଇଥାଏ। ଏହା ସୁର୍ଯ୍ୟ ଘ ଟାଇନୁଙ୍ଗ୍-୧ x ଦେଶୀୟ କିସମର ସଙ୍କର କିସମ। |
| ରେଡ୍ ଲେଡି | ଫଳର ଆକାର ଲମ୍ବା ଓ ଗୋଲ୍ ଉଭୟ ହୋଇଥାଏ। ପାଚିଲା ପରେ ଭିତର ପାଖ ଲାଲ୍ ରଙ୍ଗ ହୋଇଥାଏ। ଏହା ଏକ ପୃଥକ ଲିଙ୍ଗି (ହର୍ମାଫ୍ରୋଡାଇଟ୍) ଓ ସେଲ୍ଫ ଷ୍ଟେରାଇଲ କିସମ। ବାହାର ବଜାର ପାଇଁ ଏହା ଉପଯୁକ୍ତ। ପ୍ରତି ଗଛର ୫୦ ରୁ ୧୨୦ଟି ଫଳ ଧାରଣ କ୍ଷମତା |

ଅଛି। ପ୍ରତି ଫଳର ଓଜନ ୧ରୁ ୩ କେ.ଜି. ପର୍ଯ୍ୟନ୍ତ ହୋଇଥାଏ। ଏହା ଫ୍ରୁଡ୍ ସାଲାଡ୍ ପାଇଁ ଉପଯୁକ୍ତ।

ୱାସିଙ୍ଗଟନ୍ ଫଳଗୁଡ଼ିକ ଅଣ୍ଡାକୃତି ଏବଂ ଏହାର ଓଜନ ପ୍ରାୟ ୧ରୁ ୨ କେ.ଜି. ଓ ମିଠା ହୋଇଥାଏ।

ପୁଷା ମାଜେଷ୍ଟି ଫଳଗୁଡ଼ିକ ମଧ୍ୟମ ଆକାରର ଓ ଗୋଲ; ପାଚିଲା ପରେ ଫଳଗୁଡ଼ିକ ଅଧିକ ଦିନ ସାଇତି ରଖାଯାଇପାରେ।ଏହା ଏକ ବାମନ ଅମୃତଭଣ୍ଡା କିସମ। ଫଳର ଓଜନ ୧ରୁ ୨ କେ.ଜି. ଏବଂ ଏହା ଭୁତାଣୁଜନିତ ସଂକ୍ରମଣ ଓ ସୁତ୍ର କୃମି ସହଣୀ। ଫଳଗୁଡ଼ିକ ମିଠା ଓ ହଳଦିଆ ରଙ୍ଗର ହୋଇଥାଏ। ଦୂର ସ୍ଥାନକୁ ଓ ବାହାର ରାଜ୍ୟକୁ ରପ୍ତାନୀ ପାଇଁ ଏହା ଉପଯୁକ୍ତ କିସମ।

ପୁଷା ଡେଲିସିୟସ୍ ଏହା ଏକ ଉଭୟଲିଙ୍ଗି କିସମ। ଏହାର ସୁଗନ୍ଧ ଓ ମାଂସଳ ଫଳ ଉପଭୋକ୍ତାଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଗଛର ଉଚ୍ଚତା ମଧ୍ୟମ ଏବଂ ୮ ମାସରେ ଅମଳ ଆରମ୍ଭ ହୋଇଥାଏ। ପ୍ରତି ଫଳର ଓଜନ ୧ରୁ ୨ କେ.ଜି. ହୋଇଥାଏ।

ପୁଷା ଜ୍ୟାଣ୍ଟ୍ ଏହା ଏକ ଉଭୟ ପୃଥକ ଲିଙ୍ଗି କିସମ। ଫଳଗୁଡ଼ିକ ଗଛ ଉଚ୍ଚତାର ୧ ମିଟରରୁ ଆରମ୍ଭ ହୋଇଥାଏ। ଏହା ଝଡ଼, ତୋଫାନ ସହିଷ୍ଣୁ କିସମ। ପ୍ରତି ଫଳର ଓଜନ ୨.୫-୩ କେ.ଜି. ହୋଇଥାଏ। ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଏହା ଉପଯୁକ୍ତ।

ପୁଷା ଡ୍ୱାର୍ଫ ଏହା ଏକ ପୃଥକ ଲିଙ୍ଗି କିସମ। ଏହା ମାଟି ପଉନରୁ ୧ରୁ ୧.୫ ଫୁଟ ଉଚ୍ଚରୁ ଫଳ ଧାରଣ କରିଥାଏ। ଫଳଗୁଡ଼ିକ ଅଣ୍ଡାକୃତିୟ ଏହା ସଘନ ଅମୃତଭଣ୍ଡା ଚାଷ ପାଇଁ ଉପଯୁକ୍ତ ଅଟେ। ଫଳର ଓଜନ ୧ରୁ ୨ କେ.ଜି. ହୋଇଥାଏ।

ତାଇୱାନ୍ ଏହା ଏକ ଉନ୍ନତ କିସମ। ପାଚିଲା ପରେ ଶଶ ଟାଣ ରହେୟ ଗଛରେ ମାଇ ଫୁଲ ସଂଖ୍ୟା ଅଧିକ ହୋଇଥାଏ। ପୃଥକ ଲିଙ୍ଗି କିସମ ରେଡ୍ ଲେଡି ଏହି କିସମରୁ ଉତ୍ପନ୍ନ କରାଯାଇଅଛି।

| | |
|---|---|
| ସିଣ୍ଟା | ଏହା ଫିଲିପାଇନ୍ସର ପ୍ରଥମ ସଙ୍କର ଅମୃତଭଣ୍ଡା କିସମ। ଏହା ଏକ ପୃଥକ ଲିଙ୍ଗି, ମଧ୍ୟମ ବାମନ କିସମ। ଏହା ଦୁଇ ବର୍ଷରେ ତିନି ଥର ଫଳ ଧାରଣ କ୍ଷମତା ରଖିଥାଏ। ଫଳଗୁଡ଼ିକ ମଧ୍ୟମ, ହଳଦିଆ ଶସ, ମିଠା ଓ ୦.୫ ରୁ ୩.୫ କେ.ଜି. ପ୍ରତି ଫଳର ଓଜନ ହୋଇଥାଏ। |
| ଓର୍ବି | ଏହା ମ୍ୟାକ୍ସିକୋର ସଙ୍କର କିସମ। ଏହା ସହଳ ଅମଳକ୍ଷମ କିସମ ଏବଂ ଅମୃତଭଣ୍ଡାର ଗୋଲ ଫଳ ଦାଗ ରୋଗ ସହଣୀ କିସମ। ଗଛ ୬୦ ରୁ ୮୦ ସେ.ମି. ଉଚ୍ଚତାରୁ ଫଳ ଧାରଣ ଆରମ୍ଭ ହୋଇଥାଏ। |
| ଲୁନାର୍ | ଏହା ଏକ ପୃଥକ ଲିଙ୍ଗି ଅମୃତଭଣ୍ଡା କିସମ। ଗଛଗୁଡ଼ିକ ମଧ୍ୟମ, ବାମନ ଏବଂ ଅଧିକ ଫଳ ଧାରଣ କ୍ଷମତା ରଖିଥାଏ। ଫଳଗୁଡ଼ିକ ବଡ଼ (୧.୫ ରୁ ୨.୫ କେ.ଜି.), ହଳଦିଆ ରଙ୍ଗ ଓ ଅଧିକ ମିଠା ହୋଇଥାଏ। |
| ସ୍କାର୍ଲେଟ୍ ପ୍ରିନ୍ସେସ୍ | ଏହା ଏକ ପୃଥକ ଲିଙ୍ଗି ଓ କମ୍ ଉଚ୍ଚତା ବିଶିଷ୍ଟ କିସମ। ଏହା ଉଭୟ ପରିବା, ପାଚିଲା ଫଳ ପାଇଁ ବ୍ୟବହାର କରାଯାଇପାରେ। |
| ଦେଶୀୟ କିସମ | ଏହି କିସମଗୁଡ଼ିକର ଅଣ୍ଡିରା ଓ ମାଈ ଗଛ ଭିନ୍ନ ଭିନ୍ନ ହୋଇଥାଏ। ଗଛରେ ଫଳ ବହୁ ବର୍ଷ ପର୍ଯ୍ୟନ୍ତ ଆସିଥାଏ ଓ ମଞ୍ଜିରୁ ଅଧିକ ଅଣ୍ଡିରା ଗଛ ଆସିଥାଏ। ସେଥିପାଇଁ ମଞ୍ଜି ଚୟନ ପ୍ରଣାଳୀ ଓ ଚାରା ଚୟନ ଅବଲମ୍ବନ କରାଯିବା ଦରକାର। |

## ଚାରା ପ୍ରସ୍ତୁତି:

ଏକ ହେକ୍ଟର ଜମି ପାଇଁ ଅଧିକ ଅମଳକ୍ଷମ କିସମଗୁଡ଼ିକ ୫୦୦ ଗ୍ରାମ୍ ପ୍ରତି ହେକ୍ଟର ଓ ସଙ୍କର କିସମ ୨୫୦-୩୦୦ ଗ୍ରାମ୍ ପ୍ରତି ହେକ୍ଟର ପାଇଁ ଆବଶ୍ୟକ ପଡ଼ିଥାଏ। ୧୦ ଫୁଟ ଲମ୍ବ, ୩ ଫୁଟ ପ୍ରସ୍ଥ ଓ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରି ୨ ଇଞ୍ଚ ବ୍ୟବଧାନରେ ଧାଡ଼ିରେ ୦.୫ ଇଞ୍ଚ ଗଭୀରରେ ମଞ୍ଜିକୁ ଜୈବିକ କୀଟନାଶକ ଟ୍ରାଇକୋଡର୍ମା ଭିରିଡେରେ ବିଶୋଧନ କରି ପକାଯାଏ। ବର୍ଷା ଦିନ ହୋଇଥିଲେ ପଟାଳି ଉପରେ ପଲିଥିନ୍ ଘୋଡ଼ାଇ ଦିଆଯାଏ।

ମଞ୍ଜିରୁ ଗଛ ଗଜା ହୋଇ ୨ ରୁ ୪ ପତ୍ର ହେବାକୁ ୩ ସପ୍ତାହ ଲାଗେ। ଚାରା ଗଛ ୨ ରୁ ୩ ପତ୍ର ହେବା ପରେ ୧୫୦ ଗଜର ୪ ଇଞ୍ଚ x ୬ ଇଞ୍ଚ ଆକାରର ପଲିଥିନ୍ ମୁଣାରେ



ଖତ ମିଶା ମାଟି ଭର୍ତ୍ତି କରି ତଳି ଘେରାରୁ ଚାରାଗୁଡ଼ିକ ପଲିଥିନ୍ ଜରିକୁ ଉତ୍ତରାଯାଏ। ଚାରା ୬ ରୁ ୮ ଇଞ୍ଚ ଉଚ୍ଚ ହୋଇ ୭ ରୁ ୮ଟି ପତ୍ର ଧରିଲା ପରେ ଲଗାଇବା ପାଇଁ ଉପଯୁକ୍ତ ହୋଇଥାଏ। ଏହା ଛଡ଼ା ସଙ୍କର, ପୃଥକ ଲିଙ୍ଗି କିସମଗୁଡ଼ିକୁ ସିଧାସଳଖ ପଲିଥିନ୍ ମୁଣାରେ ରୋପଣ କରି ଚାରା ଉତ୍ପାଦନ କରାଯାଇପାରିବ।

## ଚାରା ଲଗାଇବା ସମୟ:

ସାଧାରଣତଃ ଜୁନ୍-ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର ଓ ଫେବୃଆରୀରୁ ମାର୍ଚ୍ଚ ମାସରେ ଜଳ ଉପଲବ୍ଧତାକୁ ଦେଖି ଅମୃତଭଣ୍ଡା ଚାରା ରୋପଣ କରାଯାଇପାରିବ। ଲଗାଇବା ସମୟରେ ଚାରାର କାଣ୍ଡ ମାଟି ଉପରେ ରଖାଗଲେ କାଣ୍ଡ ପଚା ରୋଗ ହୋଇନଥାଏ।

## ଜମି ପ୍ରସ୍ତୁତି ଓ ଚାରା ରୋପଣ:



ଜମିକୁ ୩ ରୁ ୪ ଥର ଗଭୀର ଓ ଗୁଣ୍ଡ ଓଡ଼ ଚାଷ କରାଯାଏ। ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୧.୮ ମି. ଢ ୧.୮ ମି. ବ୍ୟବଧାନରେ ୦.୫ ମି. x ୦.୫ ମି. ଆକାରର ଗାତ କରି ସେଥିରେ ଉଇମରା ଔଷଧ ଯଥା ଫ୍ୟୁରାଡନ୍ ବା ଏସ୍କାର ପାଇରିଫସ୍ ବା ଥିମେଟ୍‌ରେ ବିଶୋଧନ କରାଯାଇଥାଏ ଏବଂ ଜୈବିକ

ଉପାୟରେ ନିମ୍ନ ଜାତୀୟ ଔଷଧର ମଧ୍ୟ ପ୍ରୟୋଗ ହେକ୍ଟର ପିଛା ୬୦ କେ.ଜି. ବା ଗାତ ପ୍ରତି ୨୦୦ ରୁ ୨୫୦ ଗ୍ରାମ୍ ପ୍ରୟୋଗ କରିପାରବ। ବାମନ ଅମୃତଭଣ୍ଡା କିସମଗୁଡ଼ିକ ସଘନ ପ୍ରଣାଳୀରେ ୧.୫ମି. ଢ ୧.୫ମି. ବ୍ୟବଧାନରେ ଲଗାଯାଇପାରିବ।

ଅମୃତଭଣ୍ଡା ଚାରା ରୋପଣ ପାଇଁ ଖୋଳା ଯାଇଥିବା ଗାତଗୁଡ଼ିକରୁ ବାହାରି ଥିବା ଉପର ମାଟି ଓ ଖତ ୩:୧ ଅନୁପାତରେ ମିଶାଇ ସେଥିରେ ୟୁରିଆ ୧୫୦ ଗ୍ରାମ୍, ସିଙ୍ଗିଲ୍ ସୁପର୍ ଫସ୍ଫେଟ୍ ୩୫୦ ଗ୍ରାମ୍ ଓ ୯୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ମିଶ୍ରଣ କରି ଗାତ ପୂରଣ କରାଯାଏ। ଗାତ ପ୍ରତି ସଙ୍କର କିସମ ବା ପୃଥକ ଲିଙ୍ଗି କିସମର ଚାରା ହୋଇଥିଲେ ଗୋଟିଏ ଚାରା ଲଗାଯାଏ। ଯଦି ମାଇ ଓ ଅଣ୍ଡିରା ଗଛ ଅଲଗା ହେଉଥିବ ପର ପରାଗ ସଙ୍ଗମ କିସମଗୁଡ଼ିକୁ ଗାତ ପ୍ରତି ୩୦ ସେ.ମି. ବ୍ୟବଧାନରେ ୩ଟି ଚାରା ରୋପଣ କରାଯାଇଥାଏ। ୫ ରୁ ୬ ମାସ ପରେ ଗଛରେ ଫୁଲ ଆସିଲେ/ଧରିଲେ ପ୍ରତି ମଳା/ଗାତରେ ମାଇ ଗଛ ଗୋଟିଏ ଓ ଅଣ୍ଡିରା ଗଛ ୧୦ଟି ମାଇ ଗଛ ସହିତ ଗୋଟିଏ ରଖି ଅନ୍ୟ ଗଛଗୁଡ଼ିକ ଉଠାଇ ଦିଆଯାଏ।



**ଖତ ଓ ସାର:**

ଚାରା ଲଗାଇବାଠାରୁ ୯୦ ଦିନ ଅନ୍ତରରେ ଗଛ ପ୍ରତି ଥରକୁ ୧ ଝୁଡ଼ି ଖତ ସହିତ ୟୁରିଆ ୧୫୦ ଗ୍ରାମ୍, ସିଙ୍ଗଲ ସୁପର ଫସ୍ଫେଟ୍ ୩୦୦ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ୍ ୮୦ ଗ୍ରାମ୍ ଲେଖାଏଁ ବର୍ଷକୁ ୩ ଥର ହିସାବରେ ଦିଆଯାଏ। ଏହା ଛଡ଼ା ବୋରନ, କ୍ୟାଲ୍ସିୟମ୍

ଓ ଆମୋନିୟମ୍ ନାଇଟ୍ରେଟ୍‌ର ପ୍ରୟୋଗ ଦ୍ୱାରା ଅମଳ ଅଧିକ ହୋଇଥାଏ।

୨ୟ ବର୍ଷ ଓ ୩ୟ ବର୍ଷ ମଧ୍ୟ ଅନୁମୋଦିତ ଖତ ଓ ସାର ବର୍ଷକୁ ଦୁଇ ଥର ବର୍ଷା ପୂର୍ବରୁ ଓ ପରେ ପ୍ରୟୋଗ କରାଯାଇଥାଏ।

**ଅନ୍ତଃଚାଷ ଓ ଯତ୍ନ:**

ଚାରା ଲଗାଇବାର ୫ରୁ ୬ ମାସରେ ଗଛ ଫୁଲ ଧରିଲେ ପ୍ରତି ଗାତରେ ଲାଗିଥିବା ୩ ଗୋଟି ଗଛରୁ ମାଇ ଫୁଲ ଧରିଥିବା ଗୋଟିଏ ଗଛ ରଖି ଅନ୍ୟ ଦୁଇଟି ଗଛ ଉପାଡ଼ି ଦିଆଯାଏ। ଉତ୍ତମ ପରାମ ସଙ୍ଗମ ପାଇଁ ୧୦ଟି ମାଇ ଗଛରେ ଗୋଟିଏ ଅଣ୍ଡିରା ଗଛ ରହିବା ଆବଶ୍ୟକ। ଅମୃତଭଣ୍ଡା ବଗିଚାକୁ କୋଡ଼ା ଖୋସା କରି ଘାସମୁକ୍ତ ରଖିବା ଉଚିତ।

**ଆଧୁନିକ ଅମୃତଭଣ୍ଡା ବଗିଚା:**

ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ଅମୃତଭଣ୍ଡା ବଗିଚାର ସ୍ଥାପନ କରାଯାଇପାରୁଛି। ପଲିମଲଚିଙ୍ଗ୍ ଓ ଇନ୍-ଲାଇନ୍ ବୁନ୍ଦା ଜଳସେଚନ ତଥା ସଘନ ପ୍ରଣାଳୀରେ ଅମୃତଭଣ୍ଡା ରୋପଣ କରି ଅଧିକ ଲାଭ ହୋଇପାରୁଛି।

**ଜଳସେଚନ/ ଜଳ ପରିଚାଳନା:**

ବର୍ଷା ଦିନେ ଗଛ ମୂଳରେ ପାଣି ଜମି ନ ରହିବା ପାଇଁ ଦୃଷ୍ଟି ଦେବା ଦରକାର ଏବଂ ଗଛ ମୂଳକୁ ମାଟି ଟେକି ଜଳ ନିଷ୍କାସନର ବ୍ୟବସ୍ଥା କରିବା ଦରକାର। ଶୀତ ଓ ଖରା ଦିନେ ମାଟିର ବତରକୁ ଲକ୍ଷ୍ୟ କରି ୭ ରୁ ୧୦ ଦିନ ବ୍ୟବଧାନରେ ପାଣି ମଡ଼ାଯାଇଥାଏ। ବୁନ୍ଦା ଜଳସେଚନ ଓ ଜରି ଦ୍ୱାରା ଆଚ୍ଛାଦନ କଲେ ହେକ୍ଟର ପ୍ରତି ପ୍ରାୟ ଟ.୧,୫୦,୦୦୦/- ଖର୍ଚ୍ଚ ହୋଇଥାଏ ଏବଂ ଏଥିରୁ ଲାଭ ଦୁଇ ଗୁଣା କରାଯାଇପାରିବ।

**ଅମୃତଭଣ୍ଡା ସହିତ ମିଶ୍ରିତ ଫସଲ:**

୧. ଅମୃତଭଣ୍ଡା + ବୁଦା ବରଗୁଡ଼ି

୨. ଅମୃତଭଣ୍ଡା + ବୁଦା ବିନ୍ସ

୩. ଅମୃତଭଣ୍ଡା + କନ୍ଦମୂଳ

୪. ଅମୃତଭଣ୍ଡା + ଆଳୁ

୫. ଅମୃତଭଣ୍ଡା + ପିଆଜ





୬. ନଡ଼ିଆ + ଅମୃତଭଣ୍ଡା

୭. ଆମ୍ବ + ଅମୃତଭଣ୍ଡା

୮. ଅମୃତଭଣ୍ଡା + ପାଳଛତୁ

## ରୋଗ ପୋକ ପରିଚାଳନା:

### ୧. କାଣ୍ଡ ପଚା ରୋଗ/ ମୂଳ ସଢ଼ା ରୋଗ:

ଏହି ରୋଗ ହେଲେ ଗଛ ମୂଳ ପାଖ କାଣ୍ଡରେ ପାଣି ଛାପା ପରି ଦାଗମାନ ଦେଖାଯାଏ। ଏହି ଦାଗଗୁଡ଼ିକ ବଡ଼ ଆକାର ହୋଇ ଗଛ ମୂଳ ଅଂଶରେ ମାଟିକୁ ଲାଗିଥିବା କାଣ୍ଡ ଅଂଶଟି ନଷ୍ଟ ହୋଇଯାଏ ଏବଂ ଏହି ଲକ୍ଷଣ ଗଛ ମୂଳରେ ମଧ୍ୟ ଦେଖାଯାଏ। ଏହା ଦ୍ୱାରା ଗଛଟି ସମ୍ପୂର୍ଣ୍ଣ ରୂପେ ମରିଯାଏ। ଏହାର ନିରାକରଣ ପାଇଁ ଗଛ ମୂଳରେ ଯେପରି ଅଧିକ ପାଣି ଜମି ନ ରହିବ ସେଥିପାଇଁ ବ୍ୟବସ୍ଥା କରାଯିବା କିସମ ବିହନ ରୋପଣ ପୂର୍ବରୁ ବିଶୋଧନ କରିବା ଦରକାର। କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ପତ୍ର, ଆକ୍ରାନ୍ତ ସ୍ଥାନ ଏବଂ ମାଟିରେ ସିଞ୍ଚନ କରାଯିବା କିସମ ଏହା ଛଡ଼ା ବ୍ଲାଇଟକ୍ସ ବା କପର୍ ଅକ୍ସି କ୍ଲୋରାଇଡ୍ ଗୁଣ୍ଡ ଏକ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ ପ୍ରସ୍ତୁତ କରି ଗଛ ମୂଳରେ ଓ ଆକ୍ରାନ୍ତ ସ୍ଥାନରେ ସିଞ୍ଚନ କରନ୍ତୁ।

### ୨. ଆନ୍ଥ୍ରାକ୍ନୋଜ୍:

ଏହି ରୋଗ ହେଲେ ପତ୍ର ଓ ଫଳରେ ଦାଗ ହୁଏ। ଏହି ରୋଗର ନିରାକରଣ ପାଇଁ ଇଣ୍ଡୋଫିଲ୍-ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ ପ୍ରସ୍ତୁତ କରି ପତ୍ରରେ ସିଞ୍ଚନ କରନ୍ତୁ ବା କାର୍ବେଣ୍ଡାଜିମ୍ ୧.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ।

### ୩. ପତ୍ର ପୋଢ଼ା ରୋଗ:

ଏହି ରୋଗରେ ଆକ୍ରାନ୍ତ ଗଛର ଭଲ ବୃଦ୍ଧି ହୁଏ ନାହିଁ ଏବଂ ପତ୍ର ମୋଡ଼ି ହୋଇପଡ଼ିଥାଏ। ଏହା ଏକ ଭୂତାଣୁଜନିତ ସଂକ୍ରମଣ ଏବଂ ଏହା ଧଳା ମାଛି ଦ୍ୱାରା ବ୍ୟାପିଥାଏ। ଏହାର ନିରାକରଣ ପାଇଁ ଅମୃତଭଣ୍ଡା ବଗିଚାରେ ଲଙ୍କା, ଟମାଟୋ, କ୍ୟାପ୍ସିକମ୍, ଭେଣ୍ଡି ଆଦି ପନିପରିବା ଚାଷ ନ କରିବା ଦରକାର। ଗଛ ମୂଳରେ ଥିମେଟ୍, ଫ୍ୟୁରାଡନ୍, ଡାଇ ମିଥୋଏଟ୍ ଆଦି ଔଷଧ ୧ ମି.ଲି. ୧ ଲିଟର ପାଣିରେ ମିଶାଇ ପତ୍ରରେ ସିଞ୍ଚନ କରିବା ଦରକାର। ଅଧିକ ସଂକ୍ରମିତ ଗଛକୁ ପୋଡ଼ି ନଷ୍ଟ କରାଯାଇଥାଏ।

## ୪. ସାହେବି ବା ଛବିଲା ରୋଗ:

ଏହି ରୋଗ ହେଲେ ଗଛର ପତ୍ରଗୁଡ଼ିକ ଛୋଟ ଓ ସବୁଜ ଧଳା ହୋଇଥାଏ ଏବଂ ପତ୍ରଗୁଡ଼ିକ ଗୋଛା ହୋଇ କମ୍ ବୃଦ୍ଧି ହୋଇଥାଏ। ଏହା ଜୋଇ ପୋକ ଦ୍ୱାରା ସଂକ୍ରମିତ ହୋଇଥାଏ। ଏହାର ନିରାକରଣ ପାଇଁ ଆକ୍ରାନ୍ତ ପତ୍ର ବା ସମ୍ପୂର୍ଣ୍ଣ ଗଛକୁ ନଷ୍ଟ କରାଯାଇଥାଏ। ଏହା ଛଡ଼ା ନିମ୍ବ ତେଲ ଜାତୀୟ ଔଷଧକୁ ୫ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ପତ୍ର ଓ ମୂଳରେ ସିଞ୍ଚନ କରାଯାଏ ବା ଡାଇମିଥୋଏଟ୍ ୨ ମି.ଲି. ପ୍ରତି ଲିଟର ପାଣି ବା ଥାୟୋ ମେଥୋକ୍ସାମ୍ ୨ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ପତ୍ର ଓ ମୂଳରେ ସିଞ୍ଚନ କରାଯାଇଥାଏ।

ଏହା ଛଡ଼ା ଅମୃତଭଣ୍ଡା ଗଛରେ ଜଉ ପୋକ, ଧଳା ମାଛି, ଫଳ ବିନ୍ଧା ମାଛି ଏବଂ ଚୁନିଆ ପୋକ ଆଦି ଦେଖାଯାଏ। ଏହାର ନିରାକରଣ ପାଇଁ ଇମିଡା କ୍ଲୋରପ୍ରିଡ୍ ୫ ମି.ଲି. ପ୍ରତି ୧୫ ଲିଟର ପାଣି ବା ଫ୍ଲୁବେଣ୍ଡା ମାଇଟ୍ ୦.୨୫ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ।

## ଅମଳ:



ଉପଯୁକ୍ତ ଯତ୍ନ ନେଲେ ପ୍ରତି ଗଛରୁ ହାରାହାରି ୩୦ ରୁ ୪୫ କେ.ଜି. (୪୦-୭୫ ଗୋଟି ଫଳ) ଏବଂ ହେକ୍ଟର ପ୍ରତି ୬୦ ରୁ ୭୦ ଟନ୍ ଅମୃତଭଣ୍ଡା ଫଳ ଅମଳ ହୋଇଥାଏ। ସଘନ ପ୍ରଣାଳୀରେ ଉପଯୁକ୍ତ ଯତ୍ନ ନେଇ ଚାଷ କଲେ ହେକ୍ଟର ପ୍ରତି ୧୦୫ ରୁ ୧୧୫ ଟନ୍ ଅମୃତଭଣ୍ଡା ଫଳ ଅମଳ କରାଯାଇପାରିବ।



## ଏକ ହେକ୍ଟର ପିଛା ଚାଷଜନିତ ଲାଭ/କ୍ଷତି:

| ଲାଭ/କ୍ଷତି ବିବରଣୀ | ପ୍ରଥମ ବର୍ଷ | ଦ୍ୱିତୀୟ ବର୍ଷ | ତୃତୀୟ ବର୍ଷ |
|---|---|---|---|
| ଚାଷଜନିତ ଖର୍ଚ୍ଚ (ଟ.) | ୨,୦୦,୦୦୦ | ୧,୦୦,୦୦୦ | ୯୦,୦୦୦ |
| ଆୟ (ଟ.) | ୭,୫୦,୦୦୦ | ୬,୨୫,୦୦୦ | ୫,୦୦,୦୦୦ |
| ଲାଭ (ଟ.) | ୫,୫୦,୦୦୦ | ୫,୨୫,୦୦୦ | ୪,୧୦,୦୦୦ |

*ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି ସହ ଯୋଗାଯୋଗ କରନ୍ତୁ*







Printed at: Ankita Graphics, Bhubaneswar
email: saroj77337@gmail.com, Ph. 9437077337

OUAT Publication
No. 2024120397